# Prime Minister participates in the first Outreach Session of G7 Summit

## ପ୍ରଥମ ଜି-7 ଆଉଟରିଚ୍ ସମ୍ମିଳନୀରେ ଯୋଗଦେଲେ ପ୍ରଧାନମନ୍ତ୍ରୀ

ଜୁନ 12, 2021

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପ୍ରଥମ ଜି-7 ଆଉଟ୍‌ରିଚ୍ ସମ୍ମିଳନୀରେ ଯୋଗଦେଇଛନ୍ତି ।

ସୁଦୃଢ ସ୍ୱାସ୍ଥ୍ୟ ବ୍ୟବସ୍ଥା ଫେରାଇ ଆଣିବା (Bring Back Stornger Health)ଏହି ସମ୍ମିଳନୀରେ ଆଲୋଚନାର ଶୀର୍ଷକ ଥିଲା । ସମଗ୍ର ବିଶ୍ୱକୁ କରୋନା କବଳରୁ ମୁକ୍ତ କରି ଭବିଷ୍ୟତର ମହାମାରୀରୁ ରକ୍ଷା ପାଇବା ପାଇଁ ମାନସିକ ଦୃଢତା ସୃଷ୍ଟି ସମ୍ପର୍କରେ ସମ୍ମିଳନୀରେ ଆଲୋଚନା କରାଯାଇଥିଲା।

ଏହି ଅବସରରେ ବର୍ତ୍ତମାନର  କୋଭିଡ ସଂକ୍ରମଣ ବିରୁଦ୍ଧରେ ଲଢେଇ ପାଇଁ ଭାରତକୁ ସହଯୋଗ କରିଥିବାରୁ ଗ୍ରୁପ-୭ ରାଷ୍ଟ୍ର ସମୂହର ପ୍ରତିନିଧିମାନଙ୍କ ପ୍ରଶଂସା ପ୍ରଧାନମନ୍ତ୍ରୀ  କରିଥିଲେ ।

ସେ ମଧ ସବୁ ସ୍ତରର ନାଗରିକମାନଙ୍କୁ ସଶକ୍ତ କରିବା ପାଇଁ ସରକାରଙ୍କ 'ସମୁଦାୟ ସମାଜ' କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିଥିଲେ। କୋଭିଡ ସଂକ୍ରମଣର ଚିହ୍ନଟ ଏବଂ ଟିକାକରଣ ପ୍ରଣାଳୀର ପରିଚାଳନା କ୍ଷେତ୍ରରେ ଡିଜିଟାଲ ବ୍ୟବସ୍ଥାର ସଫଳ ପ୍ରୟୋଗ ସମ୍ପର୍କରେ ବର୍ଣ୍ଣନା କରି ଆଗ୍ରହୀ ଥିବା ଅନନ୍ୟ ବିକାଶଶୀଳ ରାଷ୍ଟ୍ରମାନଙ୍କ ସହ ଅଭିଜ୍ଞତା ବିନିମୟ ଓ ଉତ୍କର୍ଷତା ବିନିମୟ ପାଇଁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ବିଶ୍ୱର ସ୍ୱାସ୍ଥ୍ୟ ଅବସ୍ଥାର ଉନ୍ନତି କ୍ଷେତ୍ରରେ ମିଳିତ ଉଦ୍ୟମ ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ ଏବଂ ସହଯୋଗ କରିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।

ଏ ସମ୍ପର୍କରେ ବିଶ୍ୱବାଣିଜ୍ୟ  ସଂଗଠନ ନିକଟରେ କୋଭିଡ ସମ୍ପର୍କୀତ  ବୈଷୟିକ କୌଶଳ ପ୍ରସ୍ତାବକୁ ସମର୍ଥନ କରିବା ପାଇଁ ଗ୍ରୁପ-୭ ରାଷ୍ଟ୍ର ସମୂହର ସହଯୋଗ ଲୋଡିଥିଲେ । ଏହି ପ୍ରସ୍ତାବ ଭାରତ ଏବଂ ଦକ୍ଷିଣ ଆଫ୍ରିକା ମିଳିତଭାବେ ଦେଇଥିଲେ ।

ଆଜିର ବୈଠକରେ 'ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ' ବାର୍ତା ସମଗ୍ର ବିଶ୍ୱରେ ପହଞ୍ଚାଇବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ ।  ଭବିଷ୍ୟତର ଆସିବାକୁ ଥିବା ମହାମାରୀ ଦୂର କରିବା କ୍ଷେତ୍ରରେ ସମଗ୍ର ବିଶ୍ୱର ଏକତା, ନେତୃତ୍ୱ, ସାମାଜିକ ବନ୍ଧନ ରକ୍ଷା ଆଦି ନିମନ୍ତେ ଆହ୍ୱାନ ଦେଇଥିଲେ ।

ଏ କ୍ଷେତ୍ରରେ  ଦାୟିତ୍ୱବୋଧ, ଗଣତାନ୍ତ୍ରିକ ବ୍ୟବସ୍ଥା ଏବଂ ସ୍ୱଛତା ରକ୍ଷା ଉପରେ ମଧ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗୁରୁତ୍ୱ ଦେଇଥିଲେ । ଆସନ୍ତାକାଲି ଗ୍ରୁପ-୭ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଦୁଇଟି ଅଧିବେଶନରେ ଯୋଗଦେବେ ।

ନୂଆଦିଲ୍ଲୀ

ଜୁନ 12, 2021

DISCLAIMER: This is an approximate translation. The original is available in English on MEA's website and may be referred to as the official press release.